## ସଂକ୍ଷେପରେ

### କୋଲାବ ଜଳଭଣ୍ଡାରରେ ବୁଡ଼ି ମହିଳା ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ

ନନ୍ଦପୁର,୨୯।୩(ଡି.ଏନ୍.ଏ.):କୋଲାବ ଜଳଭଣ୍ଡାର ଟିକରପଡା ଘାଟ ନିକଟରେ ମଙ୍ଗଳବାର ପାଣିରେ ବୁଡ଼ି ଟିକରପଡ଼ା ଗ୍ରାମର ମହିଳା ପୋଷ୍ଟମାଷ୍ଟର ପ୍ରିୟଙ୍କା ପ୍ରହରାଜଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ନିଜ ଗାଁ ମାହାଙ୍ଗା, ଗୋପାଳପୁର, ଥାନା ଭଦ୍ରେଶ୍ୱରରୁ ବାପା ତ୍ରିଲୋଚନ ବେହେରା ଆସି ପହଞ୍ଚିବା ପରେ ନନ୍ଦପୁର ଥାନାରେ ଏ ନେଇ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୮/୨୩ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ପୋଷ୍ଟମାଷ୍ଟର ପ୍ରିୟଙ୍କା ତାଙ୍କ ମା'ଙ୍କ ସହିତ ଟିକରପଡା ଗ୍ରାମରେ ଏକ ଭଡା ଘରେ ରହି ନିଜ ଦାୟିତ୍ୱ ତୁଲାଉ ଥିଲେ। ପ୍ରତିଦିନ ପରି ସେ ମଙ୍ଗଳବାର ନିଜ କାର୍ଯ୍ୟ କରିଥିଲେ। ହେଲେ ପରେ ସେ ପାଣି ଭିତରକୁ କାହିଁକି ଯାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରିୟଙ୍କାଙ୍କ ମୋବାଇଲ ଯାଞ୍ଚ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

### ଘାଟବାଗ୍ରାରେ ଯାଦବ ସମାଜ ବୈଠକ

ଜୟପୁର,୨୯।୩(ନି.ପ୍ର.): କୋରାପୁଟ ଜିଲା ଯାଦବ ମହାସଭାର ଏକ ବୈଠକ ଜୟପୁର ବ୍ଲକ ଘାଟବାଗ୍ରାରେ ଭଗବାନ ଗୌଡ଼ଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ମଦନ ମୋହନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସାଥିରାମ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଲୋକନାଥ ଗୌଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଭାବେ ଜିଲା ଯୁବ ସାଧାରଣ ସମ୍ପାଦକ ଶ୍ରୀଚନ୍ଦନ ନାୟକ, କୁନ୍ଦୁରା ଧନ ଗୌଡ଼, ତୁଳସୀରାମ ଗୌଡ଼, ଫାଗୁଣି ବିଦେଶୀ ଗୌଡ଼, ଗୁପ୍ତ ପୂଜାରୀ, ରତନ ଗୌଡ଼, କମଳ ଲୋଚନ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ଏପ୍ରିଲ ୧୬ରେ ଜୟପୁରରେ ହେବାକୁ ଥିବା ଗୌଡ଼ ଅଧିକାର ସମାବେଶକୁ ସଫଳ କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ପଞ୍ଚାୟତ କମିଟି ପାଇଁ ସୁରେଶ ବେହେରା, ନରେନ୍ଦ୍ର ଗୌଡ଼, ସଦାଶିବ ଗୌଡ଼, ଜ୍ୟୋତି ପ୍ରକାଶ ବେହେରା, ତ୍ରିପତି ଗୌଡ଼, ପଦ୍ମନ ଗୌଡ଼, ରାଧାକାନ୍ତ ଗୌଡ଼, ଜଗା ଯାଦବଙ୍କୁ ମନୋନୀତ କରାଯାଇଥିଲା। ଦାମୋଦର ବେହେରା ଧନ୍ୟବାଦ ଦେଇଥିଲେ।

### ଖୁଡୁଖୁଡ଼ି ଖେଳ ଉପରେ ଚଢ଼ାଉ,୨ ଗିରଫ

ଡାବୁଗାଁ,୨୯।୩ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହଳଦୀ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲି ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରଗାଁର ବଳଦେବ ବିନ୍ଧାଣି(୨୩) ଓ ମାନସିଂ ବିନ୍ଧାଣି(୨୮)। ଖେଳରେ ବ୍ୟବହୃତ ସାମଗ୍ରୀ ପାଲି- ୧ଟି, ଗୋଟି -୬ ଟି ଏବଂ ୬୨୦୫ ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ମାମଲା(ନଂ .୫୮/୨୩) ରୁଜୁ କରିଛି। ହଳଦୀ ଗାଁରେ ଖୁଡୁଖୁଡ଼ି ଖେଳ ଚାଲିଥିବା ନେଇ ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଏଥିରେ ସବସବଇନିସ୍ପେକ୍ଟର ଚନ୍ଦନ ସାହୁ, ଏଏସ୍ଆଇ ପୁଷ୍ପଲତା ସୁନାନୀ ଓ ପୋଲିସ କର୍ମଚାରୀ ସାମିଲଥିଲେ।

### ଗଙ୍ଗାମାତା ମନ୍ଦିରରୁ ଚୋରି, ୨ ଗିରଫ

ପଦ୍ମପୁର,୨୯।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ଗଙ୍ଗାମାତା ମନ୍ଦିରରୁ ଚୋରି ଅଭିଯୋଗରେ ସାମୁଦ୍ରିକ ଥାନା ପୋଲିସ ଦୁଇଜଣଙ୍କୁ ବୁଧବାର ଅପରାହ୍ନରେ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର କାଳିଆ ସବର ଓ ମୁକେଶ ଶବର। ସୂଚନା ଅନୁଯାୟୀ, ଦୁଇଜଣ ବୁଧବାର ଭୋର ସମୟରେ ଗଙ୍ଗାମାତା ମନ୍ଦିରରୁ ମୁଖ୍ୟ ଫାଟକ ଭାଙ୍ଗି ଠାକୁରଙ୍କ ଗହଣା ଚୋରି କରିଥିଲେ। ଏନେଇ ପୂଜକ ବୈକୁଣ୍ଠ ଦ୍ୱିବେଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମନ୍ଦିର ପାଖରେ ଥିବା ମଣ୍ଟୁ ବାଇନଙ୍କ ଘରୁ ମଧ ଗହଣା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏସ୍ଆଇ ଧୃତରାଷ୍ଟ୍ର ମଲ୍ଲିକ ଓ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ଦୁଇଟି ଟିମ୍ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। କଷିଆ ବଜାରରେ ବୁଲୁଥିବା ବେଳେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା (ନଂ.୨୯/୨୩) ରୁଜୁ ହୋଇଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ।

# ଶୁଣିଲାନି ପ୍ରଶାସନ, ଗାଁ ରାସ୍ତା କାମ କରୁଛନ୍ତି ୧୦ ପରିବାର


ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଦଶମନ୍ତପୁର,୨୯।୩(ଡି.ଏନ୍.ଏ.)

ଗାଁ ରାସ୍ତା ମରାମତି ଲାଗି ପ୍ରଶାସନ ନିକଟରେ ବହୁ ଅଭିଯୋଗ ପରେ ବି ସୁଫଳ ନ ମିଳିବାରୁ ୧୦ଟି ପରିବାର ଶ୍ରମଦାନ କରି ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି। ଏଭଳି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଗୁଡ଼ା ଗ୍ରାମରେ। କେମିଲିବେଡା ପଦର ସ୍ଥିତ ଠୁଟାଆମ୍ବ ଛକଠାରୁ ପ୍ରାୟ ୬ କି.ମି. ଅତିକ୍ରମ କଲେ ବହୁ କଷ୍ଟରେ ଏହି ଗାଁକୁ ପହଞ୍ଚିବାକୁ ହୁଏ। ଗାଁରେ କେବଳ ୧୦ଘର ଗୌଡ ସଂପ୍ରଦାୟର ଲୋକେ ବସବାସ କରିଥାନ୍ତି। ଉକ୍ତ ପରିବାର ଗୁଡିକର ଜୀବିକା କହିଲେ ଅଳ୍ପ କିଛି ଜମିରେ ଚାଷବାସ କରି ଚଳନ୍ତି। ଏହି ଗାଁ ଦେଇ ପିଣ୍ଡାପଦର ପଞ୍ଚାୟତ ଅଧିନରେ ଥିବା କୋଡକି ପଦର, ହରଡାପୁଟ, ଚିନ୍ଦର ଯୋଡ, ଡଳିମାଳ ଏବଂ ନନ୍ଦିଗା ପଞ୍ଚାୟତର ପ୍ରାୟତଃ ଗ୍ରାମବାସୀ ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ତେବେ ଏହି ଗାଁଠାରୁ କେମିଲିବେଡ଼ା ପଦର ଛକ ମାତ୍ର ୩ କି.ମି. ଦୂର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। କେମିଲିବେଡ଼ା ପଦର ଛକଠାରୁ ତେନ୍ତୁଳିଗୁଡ଼ା ଗାଁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲା ପ୍ରଶାସନକୁ ମଧ ଲିଖିତ ଓ ମୌଖିକ ଜଣାଇ ଆସୁଥିଲେ। ହେଲେ ଏ ଯାଏ କୌଣସି ସୁଫଳ ମିଳିଲାନି। ଏପରିକି ଗାଁକୁ ବିଡିଓ ଡମ୍ବରୁଧର ମଲ୍ଲିକ ଆସିଥିବା ବେଳେ ତାଙ୍କୁ ମଧ ସମସ୍ୟା ଜଣାଇଥିଲେ ବି ରାସ୍ତା ହୋଇପାରିଲାନି ବୋଲି ଗ୍ରାମର ଖଗପତି ଗୌଡ, ସଦନ ଗୌଡ, ଚନ୍ଦ୍ରା ଗୌଡ, ଉର୍ମିଳା ଗୌଡ, ବୃନ୍ଦାବତି ଗୌଡ, ଘନ ଗୌଡ, ତ୍ରିନାଥ ଗୌଡ଼, ମିନ ଗୌଡ଼ ଓ ଯୁଧିଷ୍ଠିର ଗୌଡ ପ୍ରମୁଖ ପ୍ରକାଶ କରିଛନ୍ତି। ତେଣୁ ଆଉ ପ୍ରଶାସନ ଉପରେ ନିର୍ଭର ନ କରି ରାସ୍ତା କିଭଳି ହେବ ସେ ନେଇ ଗ୍ରାମବାସୀ ଗାଁରେ ଏକ ବୈଠକ କରିଥିଲେ। ପ୍ରତ୍ୟେକ ଦିନ ପ୍ରତି ଘରୁ ଜଣେ ଲେଖାଏ ଏପରି ମୋଟ ୧୦ ଜଣ ରାସ୍ତା ମରାମତି ପାଇଁ ଶ୍ରମଦାନ କରିବାକୁ ନିଷ୍ପତ୍ତି ନେଇ କାମ ଆରମ୍ଭ କରିଛନ୍ତି। ୧୦ ପରିବାର କୋଡ଼କି, ଶାବଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଧରି ଶ୍ରମଦାନ କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ଆଗକୁ ଖାଲଆମ୍ବ ନାଳ, ବୋନାଆମ୍ବ ନାଳ, ପଦା ନାଳ ଏବଂ ରଙ୍ଗମାଟି ନାଳରେ ନୂଆ କଲଭର୍ଟ ସହ ପକ୍କା ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନ ନେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ନବୀନ, ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକା ଢେର୍


ଶୋଭାଯାତ୍ରାରେ ବାହାରିଥିବା ବିଜେଡି ନେତା, ଲୋକପ୍ରତିନିଧି ଓ ଅନ୍ୟମାନେ।

ଡାବୁଗାଁ, ୨୯।୩ (ଡି.ଏନ.ଏ.)

**ବିଜେଡିର ମହିଳା ସମାବେଶ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ଅଧୀନ ଗିର୍ଲାରେ ବ୍ଲକ ବିଜେଡିର ବ୍ଲକସ୍ତରୀୟ ମହିଳା ସମାବେଶ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଓ ମହିଳାମାନେ ଜୁନାପାଣି ହାଟପଦାରୁ ଏକ ଶୋଭାଯାତ୍ରାରେ ଆସି ଗିର୍ଲାରେ ପହଞ୍ଚିଥିଲେ। ସେଠାରେ ଏକ ସଭା କରାଯାଇଛି। ଅଧିକରୁ ଅଧିକ ମହିଳାଙ୍କ ସଶକ୍ତ କରି ବିଜେଡିରେ ସାମିଲ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ନବରଙ୍ଗପୁର ଜିଲା ମହିଳା ପର୍ଯ୍ୟବେକ୍ଷକ ରୁନୁ ଜେନା କହିଛନ୍ତି। ମହିଳାଙ୍କୁ ଏସ୍ଏଚ୍ଜି ମାଧ୍ୟମରେ ସଶକ୍ତୀକରଣ କରିବା, ଶିକ୍ଷିତ କରି ତାଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା, ୩୩% ସୁବିଧା ଦେବା, ନବୀନ ଓ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିବାରେ ମହିଳାଙ୍କ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ମହିଳା ସଭାପତି ମଞ୍ଜୁଳା ମାଝି, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜୋନ୍-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରାଙ୍କ ସମେତ ଡାବୁଗାଁ ବ୍ଲକ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ହଜାରେରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

# ବେଆଇନ ଭାବେ ଚାଲିଛି ଇଟା ଭାଟି, ବଢୁଛି ପ୍ରଦୂଷଣ

ନବରଙ୍ଗପୁର,୨୯।୩(ବି.ପ୍ର.)


କୁସୁମଝର ଜଳଭଣ୍ଡାରରେ ଗଢ଼ି ଉଠିଥିବା ବେଆଇନ ଇଟାଭାଟି।

■ ବେଆଇନ ଭାବେ ଚାଲିଛି ଇଟା ଭାଟି, ବଢୁଛି ପ୍ରଦୂଷଣ
■ ସରକାରୀ ନିୟମକୁ ବେଖାତିର

ନବରଙ୍ଗପୁର ଜିଲାରେ ଖୁଲମଖୁଲା ଚାଲିଛି ବେଆଇନ ଇଟାଭାଟି। ରାଜସ୍ୱ ବିଭାଗ ଜାଣିଶୁଣି ଚୁପ୍ ବସିଛି। ଗ୍ରାମୀଣ କ୍ଷେତ୍ରରେ କାମ କରିବା ଓ ରାଜସ୍ୱ ଆଦାୟ ପାଇଁ ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରହିଛନ୍ତି। ତହସିଲଦାରଙ୍କୁ ରାଜସ୍ୱ ବିଭାଗ କର୍ମଚାରୀମାନେ ବେଆଇନ ଇଟାଭାଟି ସମ୍ପର୍କରେ ଜଣାଉନାହାନ୍ତି। କେତେଜଣ ରାଜସ୍ୱ କର୍ମଚାରୀ ହାତଗୁଞ୍ଜା ନେଇ ବେଆଇନ ଇଟାଭାଟି ପାଇଁ ବେସରକାରୀଭାବେ ଅନୁମତି ଦେଇଥିବା ଅଭିଯୋଗ ହୋଇଛି।

ନବରଙ୍ଗପୁର ତହସିଲ ଅଧୀନ କୁସୁମଝର ଜଳଭଣ୍ଡାର ପରିସର ଖଣ୍ଡୁଗୁଡ଼ା ନିକଟରେ ୧୬ଟି, ନନ୍ଦାହାଣ୍ଡି ବ୍ଲକ ପୋଡ଼ାଲଗୁଡ଼ା ପଞ୍ଚାୟତ ଅଧୀନ ଗେଲା ଗାଦବାଗୁଡ଼ା ଗାଁ ନିକଟରେ ୧୦ ଇଟାଭାଟି ରହିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ ସରକାର ଅନେକ ଚିନ୍ତାରେ ରହିଛନ୍ତି। କୁସୁମଝର ଜଳଭଣ୍ଡାର ନିକଟରେ ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ଓ ହିଲ୍ଲି ପାହାଡ଼ ରହିଛି । ବେଆଇନ ଇଟାଭାଟି ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ଫଳରେ ସ୍କୁଲ ଛାତ୍ରୀଛାତ୍ର ପାଠ ପଢ଼ିବାରେ ସମସ୍ୟା ହେଉଥିବା ନେଇ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ଗେଲାଗଦବାଗୁଡ଼ା ବେଆଇନ ଇଟା ଭାଟି ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଇଟା ପଡ଼ିବା ବେଳେ ତାହାର ପ୍ରଦୂଷଣ ଶିଶୁ ଓ ମାତୃ ଚିକିତ୍ସା ବିଭାଗକୁ ପ୍ରବେଶ କରୁଛି। ସରକାର ବେଆଇନ ଇଟାଭାଟି ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ନବରଙ୍ଗପୁର ଜିଲାରେ ଏହାର ଖୁଲମଖୁଲା ଉଲ୍ଲଂଘନ ହେଉଛି। ଫ୍ଲାଏଆଶ୍ ଇଟା ପ୍ରସ୍ତୁତ ପାଇଁ ଅନେକ ବ୍ୟବସାୟୀ ବ୍ୟାଙ୍କ ଲୋନ୍ କରି ପ୍ରକଳ୍ପଗୁଡ଼ିକ କ୍ଷତିରେ ଚଳାଉଛନ୍ତି । ସରକାର ମଧ ଫ୍ଲାଏଆଶ୍ ଇଟା ପ୍ରସ୍ତୁତ ପାଇଁ ପ୍ରୋତ୍ସାହନ ଯୋଗାଉଥିଲେ ମଧ କେତେକ ରାଜସ୍ୱ କର୍ମଚାରୀଙ୍କ ଯୋଗୁ ବେଆଇନ ଇଟାଭାଟି ଚାଲିବା ଦ୍ୱାର ଫ୍ଲାଏଆଶ୍ ଇଟା ବ୍ୟବସାୟୀ କ୍ଷତି ସହି ପ୍ରକଳ୍ପ ବନ୍ଦ କରିବା ସ୍ଥିତିକୁ ଆସିଲେଣି। ଏନେଇ ନବରଙ୍ଗପୁର ତହସିଲଦାର ଜୟଦେବ ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ମୁଁ ନୂଆରେ ଜଏନ କରିଛି। ରାଜସ୍ୱ ନିରୀକ୍ଷକମାନେ କିଭଳି ବେଆଇନ ଇଟାଭାଟି ସମ୍ପର୍କରେ ଜଣାଉ ନାହାନ୍ତି ତାହା ଏବେ ଜାଣିଲି। ଏନ୍‌ଫୋର୍ସ ଟିମ୍ କରାଯାଇ ବେଆଇନ ଇଟାଭାଟିଗୁଡ଼ିକ ଉପରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଦୁରାବସ୍ଥା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ଉମରକୋଟ, ୨୯।୩(ସ୍ୱ.ପ୍ର.)

ଉମରକୋଟ ବିଧାନସଭା ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଖରାପ ହେଇଗଲାଣି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ମଙ୍ଗଳବର ବିଧାନସଭାରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରଶ୍ନ ଉଠାଇଛନ୍ତି। ବିଶେଷ କରି ଏସ୍ଏଚ୍ ୪୨ରୁ କୁର୍ସୀ, କୁର୍ସୀରୁ ତୋହରା ଏବଂ ତୋହରାରୁ କେରିପଦର, କେପି ୧ରୁ କେଶରୀ ବେଡା ରାସ୍ତା, ଏସ୍ଏଚ୍ ୪୨ରୁ ସାନ ଖଡକା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ସମ୍ପୂର୍ଣ୍ଣଭାବେ ଖରାପ ହେଇଯାଇଛି। ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେଇଥିବା ଯୋଗୁ ଯାତାୟାତରେ ଅସୁବିଧା ହେଉଥିବା ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମରାମତି କରୁନଥିବା ବିଧାୟକ ଅଭିଯୋଗ କରିଥିଲେ। ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନଥିବା ସେ କହିଛନ୍ତି। ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଧାୟକଙ୍କୁ କହିଛନ୍ତି ଯେଉଁ ଯେଉଁ ରାସ୍ତା ଖରାପ ହେଇଛି ସେଗୁଡିକ ଲିଖିତ ଭାବେ ଦେଲେ ବାର୍ଷିକ ଆକସନ ଯୋଜନାରେ ରଖାଯାଇ ତାହାର ମରାମତି କରାଯିବ।

# ନିଜ ତ୍ୟାଗ ବଳିଦାନ ଯୋଗୁ ଶହୀଦ ଲକ୍ଷ୍ମଣ ଅମର


କାର୍ଯ୍ୟକ୍ରମରେ ଜିଲାପାଳ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ନବରଙ୍ଗପୁର, ୨୯।୩(ବି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ ରାଉତ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଡଃ ବିଜୟ କୁମାର ମିଶ୍ର, ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ଦେଶ ଓ ନିଜ ମା ମାଟି ପାଇଁ ଇଂରେଜ ସରକାର ବିରୋଧରେ ଲକ୍ଷ୍ମଣ ନାୟକ ଲଢ଼ି ଶହୀଦ ହୋଇଥିଲେ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ଦେଶ, ମାଆ ମାତୃକା ପାଇଁ ସେ କରିଯାଇଥିବା ତ୍ୟାଗ ଓ ବଳିଦାନକୁ କେହି ଭୁଲି ପାରିବେନି, ସେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି କହି ଅତିଥିମାନେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଖବରଦାତା ଉପସ୍ଥିତ ଥିଲେ।

# ଚାଲ ସ୍କୁଲ ଯିବା ନେଇ ଗଡ଼ିଲା ସଚେତନତା ରଥ

କୋରାପୁଟ,୨୯।୩(ସ୍ୱ.ପ୍ର.)

କୋରାପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚାଲ ସ୍କୁଲକୁ ଯିବା ନେଇ ଶିକ୍ଷା ସଚେତନତା ରଥ ବୁଧବାର ଗଡ଼ିବା ଆରମ୍ଭ କରିଛି। ଏହି ରଥକୁ ସବୁଜ ପତାକା ଦେଖାଇ ବରିଷ୍ଠ ଶିକ୍ଷା ଅଧୀକାରୀ ଶ୍ରୀକାନ୍ତ ଜାନି ଶୁଭାରମ୍ଭ କରିଥିଲେ। ୫ ଦିନ ଧରି ଏହି ରଥ ସମସ୍ତ ପଞ୍ଚାୟତ ଏବଂ ସହରାଞ୍ଚଳରେ ଗଡ଼ି ସଚେତନତା ବାର୍ତ୍ତା ପହଞ୍ଚାଇବ ବୋଲି ସେ କହିଛନ୍ତି। ୬ବର୍ଷରୁ ୧୪ ବର୍ଷ ମଧ୍ୟରେ କୌଣସି ଝିଅପୁଅ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଏହି ସଚେତନତା କାର୍ଯ୍ୟକ୍ରମ ବୋଲି ସହାୟକ ବ୍ଲକ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ କହିଛନ୍ତି। ଅଧାରୁ ପାଠ ଛାଡ଼ି ବିଦ୍ୟାଳୟ ନ ଆସି ଘରେ ରହୁଥିବା ପିଲାଙ୍କୁ ପୁଣି ବିଦ୍ୟାଳୟରେ ନାମ ଲେଖାଇବା ଏହି ସଚେତନତାର ଅନ୍ୟ ଏକ ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଏବିଇଓ ଜସନ ବେନିୟା, ଉଦୟ ଗାଣ୍ଡା, ସିଆର୍‌ସିସି ପ୍ରଦୀପ ପାତ୍ର, ହର ମିଶ୍ର, ସୁବୋଧ ମାଝୀ, ଜ୍ୟୋତି ପାଢ଼ୀ, ବାସୁଦେବ ଦାସ, ତ୍ରିଲୋକେଶ ପଣ୍ଡା ଏବଂ ମନୋଜ ଦାସ ଉପସ୍ଥିତ ଥିଲେ। କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏକ ନୃତ୍ୟ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ।



ଅଧିକାରୀ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଶହୀଦଙ୍କ ବଳିଦାନ ଭୁଲିହେବ ନାହିଁ






କୋରାପୁଟ ମେଡିକାଲ ଛକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ, ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ। ଜୟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବୁଦ୍ଧିଜୀବୀ।

କୋରାପୁଟ/ବୈପାରୀଗୁଡ଼ା/ଜୟପୁର, ୨୯।୩(ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)

କୋରାପୁଟଠାରେ କ୍ରାନ୍ତିବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ କୋରାପୁଟ ଜିଲାପାଳ ଅବ୍ଦାଲ ଏମ୍ ଅଖତାର ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଛକରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଶହୀଦଙ୍କ ସଂଗ୍ରାମୀ ଜିବନୀ ଉପରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ପଡାଲ, କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ରାଜେନ୍ଦ୍ର ମାଝି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା, ସଂସ୍କୃତି ଅଧିକାରୀ ପ୍ରତିସୁଧା ଜେନା, ସମାଜିକ କର୍ମୀ କାମାକ୍ଷ ପ୍ରସାଦ ମାଝି, ମନୋଜ ଆଚାର୍ଯ୍ୟ, ବାର ଆସୋସିଏସନ ସଭାପତି ପ୍ରଭାତ ମହାପାତ୍ର, ରୁପକ କୁମାର ତୁରୁକଙ୍କ ସମେତ ଜିଲାର ବହୁ ନେତା ଓ ବୁଦ୍ଧିଜୀବୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶହୀଦଙ୍କ ତିରୋଧାନ ଦିବସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି କୋରାପୁଟ ବସଷ୍ଟାଣ୍ଡଠାରେ ଥିବା ଶହିଦ ଲକ୍ଷ୍ମଣ ନାୟକଙ୍କ ପତିମୂର୍ତ୍ତିରେ ମଧ ଜିଲା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ବୈପାରୀଗୁଡା ଏଆଇଡିଏସ୍ଓ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ଥାନୀୟ ଶାବରୀ କ୍ଲବ ପରିସରରେ ଆୟୋଜିତ ଉକ୍ତ ସଭାରେ ଛାତ୍ର ନେତା ଜଗନ୍ନାଥ ହରିଜନ, ପ୍ରମିଳା ପୂଜାରୀ, ବାସନ୍ତା ଖରା, ରୁକ୍ମଣୀ ବାରିକ ପ୍ରମୁଖ ଶହୀଦଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଜୟପୁର ସହରସ୍ଥିତ କୋଭିଡ ହସ୍ପିଟାଲ ସମ୍ମୁଖରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ତିରୋଧାନ ଦିବସ ବୁଧବାର ପାଳିତ ହୋଇଛି। ଜୟପୁର ଉପଖଣ୍ଡ ପ୍ରଶାସନ, ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି ତରଫରୁ ଏହା ପାଳନ କରାଯାଇଛି । ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଉପଖଣ୍ଡ ,ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଧବା, ଜିଲା ଓକିଲ ସଂଘ ସଭାପତି ବିରେଶ ପଟ୍ଟନାୟକ, ବିନୋଦ ମହାପାତ୍ର, ବୀରେନ ମୋହନ ପଟ୍ଟନାୟକ, ମଦନ ମୋହନ ନାୟର, ପରମେଶ୍ୱର ପାତ୍ର ଉପସ୍ଥିତ ଥିଲେ।

## ସୁରକ୍ଷା ଦୃଷ୍ଟିରୁ ଫ୍ଲାଗ୍‌ମାର୍ଚ୍ଚ

ଜୟପୁର, (ନି.ପ୍ର.): ରାମନବମି ଅବସରରେ ଜୟପୁରରେ ଏସ୍‌ଡିପିଓ ହରିସ ବିସିଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପାୱାର ହାଉସ ଛକରୁ ଦଶହରା ପଡ଼ିଆ ଯାଏ ଏହି ଫ୍ଲାଗ୍‌ମାର୍ଚ୍ଚ ହୋଇଥିଲା। ଏହି ସମୟରେ ୨ ପ୍ଲାଟୁନ ଫୋର୍ସ ସହ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଭୂତଳ ରାସ୍ତା ନିର୍ମାଣ ଲାଗି ଅନୁଧ୍ୟାନ

ମୁନିଗୁଡ଼ା, ୨୯।୩(ଡି.ଏନ୍‌.ଏ.)

ରାୟଗଡା ଜିଲା ମୁନିଗୁଡାର ଟିକରପଡାସ୍ଥିତ ରେଲୱେ ଗେଟ ନିକଟରେ ଯାତାୟାତ ଅସୁବିଧା ହେବା ସହ ଟ୍ରାଫିକ ସମସ୍ୟା ଦୃଷ୍ଟି ହେଉଛି। ଏ ନେଇ ଟିକରପଡାବାସୀଙ୍କ ଦାବିକ୍ରମେ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ,ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଓ ସମବାୟ ସମିତି ନିର୍ଦ୍ଦେଶକ ଜଗନ୍ନାଥ ନୁନ୍ଦୁକା ପ୍ରମୁଖଙ୍କ ସମେତ ଟିକରପଡାର ଯୁବ ଗୋଷ୍ଠୀଙ୍କ ଉପସ୍ଥିତିରେ ଭୂତଳ ରାସ୍ତା ନିର୍ମାଣ ନିମନ୍ତେ ଅନୁଧ୍ୟାନ କରାଯାଇଛି। ରାସ୍ତାଟି ଆନ୍ଧ୍ରପ୍ରଦେଶ ଓ ଛତିଶଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହୋଇଥିବାରୁ ରେଳ ଫାଟକଟି ବାରମ୍ବାର ପଡି ରହୁଛି। ଯାହା ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏ ପରକି ଆମ୍ବୁଲାନ୍ସ ମଧ ବହୁବାର ଅଟକି ରହୁଥିବା ଦେଖାଯାଉଛି। ତେଣୁ ଏଠାରେ ଏକ ଅଣ୍ଡର ଗ୍ରାଉଣ୍ଡ ରୋଡ଼ ଆବଶ୍ୟକ। ଏହାର ସୁବିଧା କରିବା ନିମନ୍ତେ ଟିକରପଡାର ରମେଶ ପାଣି, ନରେନ୍ଦ୍ର ନାଗ,ରଞ୍ଜନ ନାଗ,ଗୁନା କରକରିଆ,ସାମନାଥ,ଗରିବ ଗରଡ଼ିଆ,ଆଲିମାନ ବାଗ,ସୁଶୀଲ ବାଗ,ପଟ୍ଟନାୟକ କୁସୁଲିଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ଦାସଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କୁ ଅନୁରୋଧ କରିଥିଲେ। ସମସ୍ତ ପରିଦର୍ଶନ ପରେ ଏହି ସମସ୍ୟା ପ୍ରତି ସେ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିବାକୁ ଦାସ ପ୍ରତିଶ୍ରୁତି ଦେଇଥିଲେ।


ଭୂତଳ ରାସ୍ତା ଲାଗି ଅନୁଧ୍ୟାନ କରାଯାଉଛି।

## ସଂକ୍ଷେପରେ

### ୫-ଟି ସଚିବଙ୍କୁ ବିକାଶ ପରିଷଦର ଦାବିପତ୍ର ପ୍ରଦାନ

କୋରୁକୋଣ୍ଡା,୨୯।୩(ଡି.ଏନ.ଏ): ବାଲିମେଳା ବିକାଶ ପରିଷଦର ସଦସ୍ୟମାନେ ବୁଧବାର ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ମାଲକାନଗିରି ସଦର ସ୍ଥିତ ସଂସ୍କୃତି ଭବନଠାରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବାଲିମେଳା ସହରରେ ଅଗ୍ନି ନିର୍ବାପକ ଷ୍ଟେଶନ, ବାଲିମେଳାକୁ ସବ୍‌ଡିଭିଜନ ମାନ୍ୟତା, ସେସନ କୋର୍ଟ ଏବଂ ମଲ୍ଟି ମାର୍କେଟ କମ୍ପ୍ଲେକ୍ସ ଆଦି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବି ଗୁଡିକ ଦେଖିବା ପରେ ୫-ଟି ସଚିବ ପାଣ୍ଡିଆନ ତୁରନ୍ତ ଏ ନେଇ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ। ବାଲିମେଳା ଏନ୍‌ଏସି ଅଧକ୍ଷ ପ୍ରଦୀପ କୁମାର ନାୟକ, ଉପାଧକ୍ଷ ରଶ୍ମିତା ବାଙ୍କା, କାଉନସିଲର ଲକ୍ଷ୍ମୀ ପଟ୍ଟନାୟକ, ମନୋଜ ପାଙ୍ଗିଙ୍କ ସମେତ ଅନ୍ୟ କାଉନସିଲର ଏବଂ ବିଧାୟକ ପ୍ରତିନିଧି ଦେବାଶିଷ ପାତ୍ର, ସୁଧାଂଶୁ ଶେଖର ମହାନ୍ତି, ପୂର୍ବତନ ଉପ ନଗରପାଳ ଟୁକୁଲୁ ପ୍ରଧାନ ଓ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### କାକିରିଗୁମ୍ମା ହାଇସ୍କୁଲରେ ସଚେତନା କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର, ୨୯।୩(ସ୍ୱ.ପ୍ର.): କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କକିରୀଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ସୁନାନୀଙ୍କ ଅଧକ୍ଷତାରେ ଏକ ସଚେତନା କାଯ୍ୟକ୍ରମ ଏବଂ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏବିଇଓ ଅର୍ପିତା ପ୍ରଧାନ, ବିଇଓ କୈଳାସ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। କାକିରିଗୁମ୍ମା ଉଚ୍ଚ ମାଧମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ୨୦୨୩/୨୪ଶିକ୍ଷା ବର୍ଷରେ ୧୨୮ ସିଟ ନିମନ୍ତେ କଳା ବିଭାଗରେ ନାମ ଲେଖା ନିମନ୍ତେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ମତ ଦେଇଥିଲେ। ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ଗୌଡଗୁଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସିମାଞ୍ଚଳ ବାଘ୍, ପଞ୍ଚାଡା ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ ବୁରୁଡି, ଗିର୍ଲିପୁଟ ହାଇସ୍କୁଲ ପ୍ରଧାନ ଶିକ୍ଷକ କ୍ରୀଷ୍ଣା ସୌନ୍ତା, ଗୌଡ଼ଗୁଡ଼ା ହାଇସ୍କୁଲ ଶିକ୍ଷକ ଜୟନାଥ ହେନ୍ତାଳ, ତୁନପାର ହାଇସ୍କୁଲ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଖସ୍ଲା, କୁସମଗୁଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ମାନସରଞ୍ଜନ ଜେନା, ସରପଞ୍ଚ ଇନ୍ଦ୍ର ପାଞ୍ଜିଆ, ଏସ୍‌ଏମ୍‌ଡିସି ସଭ୍ୟ ଦାଶରଥି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସଞ୍ଜୀବ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ।

### ଜୟ୍ ତେନ୍ତୁଳିଖୁଣ୍ଟି ମାନବ ସେବା ଗ୍ରୁପ୍‌ର ତୃତୀୟ ସ୍ୱନକ୍ଷେତ୍ର

ତେନ୍ତୁଳିଖୁଣ୍ଟି,୨୯।୩(ଡି.ଏନ୍‌.ଏ.): ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସରେ ତେନ୍ତୁଳିଖୁଣ୍ଟିରେ ଏକ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଭାଜପା ସଭାପତି ଜଗଦୀଶ ବିଷୋଇ, ବାଗ୍ମୀ ନାରାୟଣ ପାତ୍ର, ବିଡିଓ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ପ୍ରଦୀପ କର, ସରପଞ୍ଚ ଅନାଦି ମାଝୀ, ଟଭା ନାୟକ, ସମିତି ସଭ୍ୟା ବିନୋଦିନୀ ସିଂ, ମଧୁସ୍ମିତା ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା କୃଷ୍ଣା ବିଷୋଇ, ବ୍ଲକ ଅଧକ୍ଷା ନୀଳେନ୍ଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋଇ ଯୋଗଦେଇଥିଲେ। ସମ୍ପାଦକ ହନେସ ପାତ୍ର ବାଘ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଏବଂ ସାମାଜିକ ସେବା କ୍ଷେତ୍ରରେ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ପରିବର୍ତ୍ତନ ଫାଉଣ୍ଡେଶନ, ଆଇକନିକ ନନା ନନି, ଅବିଭକ୍ତ କୋରାପୁଟ ସମାଚାରକୁ ସମ୍ବର୍ଦ୍ଧିତ କରାଯାଇଛି। ନବରଙ୍ଗପୁରର ଆମେ ନବରଙ୍ଗପୁରିଆ ସୋସିଆଲ ମିଡିଆ ଗ୍ରୁପ୍‌କୁ ସମ୍ମାନିତ କରାଯାଇଥିଲା। ଜୟ ତେନ୍ତୁଳିଖୁଣ୍ଟି ମାନବ ସେବା ଗ୍ରୁପ୍ ସଭାପତି ଅଖିଳ ଭତରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରୁପ୍‌ର ତୃତୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି।

### ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ

ମାଥିଲି,୨୯।୩(ଡି.ଏନ୍‌.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଯୁବପିଢ଼ିଙ୍କ ପକ୍ଷରୁ ୮୦ ତମ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ବୁଧବାର ପାଳିତ ହୋଇଯାଇଛି। ପୁରୁଣା ଶହୀଦ ଲକ୍ଷ୍ମଣ ନାୟକ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଯୁବନେତା ବାଲରାଜୁ କପେ, ପୂର୍ବତନ ସରପଞ୍ଚ ଜି. ହେମନ୍ତ ରାଓ, ବୁଦ୍ଧିଜିବୀ ଏମ୍‌ଡି ଆକବର, ବଂଶୀଧର ଅନୁଗୁଳିଆ, ରୋହିତ ବେହେରାଙ୍କ ସହ ଶତାଧିକ ଲୋକ ଉପସ୍ଥିତଥିଲେ।

# ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ନନ୍ଦପୁର, ୨୯।୩(ଡି.ଏନ୍‌.ଏ.)

ନନ୍ଦପୁର ବ୍ଲକ ଦୁର୍ଗମ ନନ୍ଦକା ପଞ୍ଚାୟତର ଚିନ୍ତାଲଗୁଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତକ ହେଲେ କୋରାପୁଟ ଜିଲା ନନ୍ଦକା ପଞ୍ଚାୟତ ଚିନ୍ତାଲଗୁଡା ଗ୍ରାମର ଆଦୁ ଖରାଙ୍କ ସ୍ତ୍ରୀ ବିମଳା। ପୋଲିସ ଅଭିଯୁକ୍ତ ଆଦୁଙ୍କୁ ଗିରଫ କରିଛି।

ମଙ୍ଗଳବାର ସନ୍ଧ୍ୟାରେ ଆଦୁ ଓ ବିମଳାଙ୍କ ମଧରେ କୌଣସି କାରଣରୁ ବଚସା ହୋଇଥିଲା। ରାଗିଯାଇ ନିଶାଶକ୍ତ ଅବସ୍ଥାରେ ଆଦୁ ଘରେ ଥିବା ଧାରୁଆ ଅସ୍ତ୍ରରେ ସ୍ତ୍ରୀ ବିମଳାଙ୍କୁ ଆକ୍ରମଣ କରିଥିଲେ। ବିମଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ଆଦୁ ଘର କବାଟ ବନ୍ଦ କରି ଜଙ୍ଗଲ ଆଡ଼କୁ ଚାଲି ଯାଇଥିଲେ। ହଠାତ୍ ପାଟିତୁଣ୍ଡ ବନ୍ଦ ହେବାର କାରଣ ଜାଣିବାକୁ ପାଖ ପଡୋଶୀ ଆଦୁଙ୍କ ଘରକୁ ଯାଇଥିଲେ। ସେଠାରେ ବିମଳାଙ୍କ ମୃତଦେହ ଦେଖି ତାଙ୍କ ଭାଇ ରେଲୀ ବୁରୁଡିଙ୍କୁ ସୂଚନା ଦେଇଥିଲେ। ରେଲୀ ସେଠାରେ ପହଞ୍ଚି ପାଡୁଆ ଥାନାରେ ଏତଲା ଦେଇଥିଲେ। ବୁଧବାର ସକାଳୁ ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ ଓ ଅନ୍ୟ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏଥିସହ ଖୋଜାଖୋଜି କରି ଆଦୁଙ୍କୁ ଗିରଫ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ୪୫/୨୩ରେ ପୋଲିସ ମାମଲା ରୁଜୁ କରିଛି। ଗୁରୁବାର ଆଦୁଙ୍କୁ କୋର୍ଟ ଚାଲାଣ କରାଯିବ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ସାହାଣୀ କପ୍ ଫୁଟ୍‌ବଲ ପାଇଁ ଖେଳାଳି ଚୟନ


ଚୟନକର୍ତ୍ତାଙ୍କ ସହ ଖେଳାଳି ଓ ଅନ୍ୟମାନେ।

ନବରଙ୍ଗପୁର,୨୯।୩(ବି.ପ୍ର.)

ନବରଙ୍ଗପୁର ଷ୍ଟାଡିୟମରେ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ୍ ଫୁଟ୍‌ବଲ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କାର୍ଯ୍ୟକ୍ରମ କରାଯାଇଛି। ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଯାଇଛି। ଗତ ମଣ୍ଡେଇ ମହୋତ୍ସବରେ ଅନୁଷ୍ଠିତ ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ଆଧାରରେ ୭୦ ଜଣ କ୍ରୀଡ଼ାବିତଙ୍କୁ ଚୟନ କରା ଯାଇଥିଲା। ସେମାନଙ୍କୁ ନେଇ ସ୍ଥାନୀୟ ଷ୍ଟାଡିୟମରେ ଏକ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ଖେଳାଳିଙ୍କ ମଧ୍ୟରୁ ୨୫ଜଣଙ୍କୁ ଅନ୍ତିମ ପର୍ଯ୍ୟାୟ ଚୟନ ନିମନ୍ତେ ଚୟନ କରାଯାଇଛି। ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଦୁର୍ଯ୍ୟୋ ହରିଜନ, ଫିରୋଜ ହିଆଲ, ବି. ଯୋଗେଶ କୁମାର, ସପନ ବୈରାଗୀ ଏବଂ ବିଜୟ କାମର ଚୟନକର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। କ୍ରୀଡ଼ା ସଂଘ ଉପସଭାପତି ଏମ୍. ବାଲା କୃଷ୍ଣ ରାଓ ଖେଳାଳିଙ୍କ ନାମ ଘୋଷଣା କରିବା ସହ ଆଗାମୀ ଦିନରେ ଖେଳାଳିଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଛନ୍ତି। ନବରଙ୍ଗପୁର ଦଳ ପ୍ରତିଯୋଗିତାରେ ଭାଗନେବା ପୂର୍ବରୁ ମ୍ୟାନେଜର ଏବଂ କୋଚ କିଏ ହେବ ସେ ନେଇ ଘୋଷଣା କରାଯିବ ବୋଲି ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଶଶାଙ୍କ ଶେଖର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବର୍ଷାପବନରେ ଛାତ୍ରୀ ନିବାସ ପାଚେରି ଭାଙ୍ଗିଲା

ଗୁଣପୁର,୨୯।୩(ଡି.ଏନ.ଏ)

ଗୁଣପୁର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଧବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏଥିଯୋଗୁ ବିଭିନ୍ନ ସ୍ଥାପନରେ ଗଛ ଉପୁଡି ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟର ଛାତ୍ରୀ ନିବାସ ପାଚେରୀରେ ଗଛ ପଡିବାରୁ ତାହା ଭାଙ୍ଗି ଯାଇଛି। ସୌରା ପ୍ରଧାନୀଗୁଡା ଛକ ରାସ୍ତାରୁ ସେବା ସମାଜ ରାସ୍ତାରେ ଗଛ ଉପୁଡି ପଡିଥିଲା ଓଭର ବ୍ରିଜ ରାସ୍ତାରେ ମଧ ପଡି ଯାତାୟତରେ ବାଧା ସୃଷ୍ଟି ହୋଇଥିଲା।

# ଗଛ ପଡ଼ି ୨ ଘର ସହ ଦୋକାନ ନଷ୍ଟ



ପାପଡ଼ାହାଣ୍ଡି,୨୯।୩(ଡି.ଏନ୍‌.ଏ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟ ଚେକ୍‌ଗେଟ୍ ନିକଟରେ ବୁଧବାର ଏକ ଗଛ ପଡ଼ି ୨ଘର ସହ ଏକ ଦୋକାନ ଭାଙ୍ଗି ନଷ୍ଟ ହୋଇଯାଇଛି। ଘରଗୁଡ଼ିକ ଟୁନି ହରିଜନ ଓ ସୁରଜିତ ସିଂଙ୍କ ଓ ଦୋକାନ କୈଳାସ ପାଇକଙ୍କର ବୋଲି ଜଣାପଡ଼ିଛି। ଏଥିରୁ ଅଳ୍ପକେ ଲୋକେ ବର୍ତ୍ତିଯାଇଛନ୍ତି। ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟଛନ୍ତି। ଦୀର୍ଘଦିନ ଧରି ଆମ୍ବ ଗଛର ମୂଳ ନଷ୍ଟ ହୋଇଯାଇଥିଲା। ଜନଗହଳିପୂର୍ଣ୍ଣ ସ୍ଥାନରେ ଏବେବି ବହୁ ପୁରୁଣା ଗଛ ବିପଦ ସଂକୁଳ ଅବସ୍ଥାରେ ରହିଛି।

# କାୟାକଳ୍ପ ଚୟନରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଦ୍ୱିତୀୟ

ଚିତ୍ରକୋଣ୍ଡା,୨୯।୩(ଡି.ଏନ୍‌.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଚଳିତବର୍ଷ ଓଡ଼ିଶାର ଏସ୍‌ଡିଏଚ୍ ତାଲିକାରେ ଦ୍ୱିତୀୟ ସ୍ଥାନରେ ରନର୍ସ ଅପ୍ ହୋଇ ୧ ଲକ୍ଷ ଟଙ୍କା ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଉତ୍ତମ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା ଓ ପ୍ରତ୍ୟେକ ସୁବିଧା ସୁଯୋଗ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପରିଦର୍ଶନ କରିଥିବାରୁ ଏହି ଉପଖଣ୍ଡ ଚିକିତ୍ସାଳୟକୁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ଚୟନ କରିଥିଲା। ଏହି ଖବର ପାଇବା ପରେ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ଏଥିସହ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ, ଅଧକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କୁ ଏବଂ ସମସ୍ତ କର୍ମଚାରୀଙ୍କୁ ଚାରିଆଡୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ବୁଧବାର ଚିକିତ୍ସାଳୟ ଆଗରେ ସମସ୍ତ କର୍ମଚାରୀ ବାଣ ଫୁଟାଇ , କେକ୍ କାଟି ଖୁସି ମନାଇଛନ୍ତି।

# ମୃତ ବୀମାଧାରୀଙ୍କ ପରିବାରକୁ ଚେକ୍ ଦେଲା ବ୍ୟାଙ୍କ

କୋରୁକୋଣ୍ଡା,୨୯।୩(ଡି.ଏନ.ଏ)

କୋରୁକୋଣ୍ଡା ବ୍ଲକ ଚିତାପାରି-୩ ଗ୍ରାମ ପଞ୍ଚାୟତ ସଦର ଗ୍ରାମର ସାନୁ କଡରିଆ ଓର୍କେଲଠାରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଏକ ସଞ୍ଚୟ ଖାତା ଖୋଲିବା ସହ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ଏକ ଜୀବନ ବୀମା ମଧ କରିଥିଲେ। ବୀମା କରିବାର କିଛିଦିନ ପରେ କୌଣସି କାରଣ ବଶତଃ ସାନୁଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁଅ ମଙ୍ଗରାଜ କଡରିଆ ବ୍ୟାଙ୍କ ଅଧିକାରୀଙ୍କୁ ଏହି ଖବର ଜଣାଇବା ସହ ସମସ୍ତ ନଥିପତ୍ର ଦେଖାଇଥିଲେ। ବ୍ୟାଙ୍କ ଅଧିକାରୀ ସେସବୁ ଯାଞ୍ଚ କରିଥିଲେ। ମଙ୍ଗରାଜ କଡରିଆ ନଥି ପତ୍ର ଜମା କରିବା ପରେ ବ୍ୟାଙ୍କ ଅଧିକାରୀ ତୁରନ୍ତ ଏହାର ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ବୁଧବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓର୍କେଲ ଶାଖାର ମ୍ୟାନେଜର କଙ୍କନ କୁମାର ବିଶ୍ୱାସ ଉପସ୍ଥିତରହି କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବ୍ୟାସ ଭୋଇଙ୍କ ଜରିଆରେ ମୃତ ସାନୁ କଡରିଆଙ୍କ ପୁଅ ମଙ୍ଗରାଜଙ୍କୁ ଦୁଇ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ମଞ୍ଚାସୀନ ଅତିଥି ଏବଂ ପୁରାତନ ଛାତ୍ରମାନେ।

ମୁନିଗୁଡ଼ା,୨୯।୩(ଡି.ଏନ୍‌.ଏ.)

ମୁନିଗୁଡା ନିକଟସ୍ଥ କୁତ୍ରାଗଡ଼ ଆମ୍ବତୋଟା ପରିସରରେ ମୁନିଗୁଡା କଲେଜର ୧୯୮୭ ପ୍ରଥମ ବ୍ୟାଚ କଲେଜ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୀତାରାମ ସାହୁ, ଚତୁର୍ଭୁଜ ବନଛୋର,ସୀମାଞ୍ଚଳ ପଣ୍ଡା ଓ କ୍ଷୀରୋଦ ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁଗ୍ମ ସଚିବ, ଅର୍ଥ ବିଭାଗ ଲିଙ୍ଗରାଜ ପାଣିଗ୍ରାହୀ, ମୁଖ୍ୟବକ୍ତା ମହାବିଦ୍ୟାଳୟ ଅଧକ୍ଷ ଡା. ଦେବାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ଆଇନଜୀବୀ ବୃନ୍ଦାବନ ଗୌଡ଼, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ କୁମାର ରଥ, ଓ ରାୟଗଡା ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦେବୀ ପ୍ରମୁଖ ଉପସ୍ଥିତ ରହି ମହାବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଘଟିଥିବା ବିଭିନ୍ନ ସ୍ମୃତି ଉପରେ ଆଲୋଚନା କରିଥିଲେ। ଏଥିସହ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦୀର୍ଘାୟୁ ଓ ଉତ୍ତର ଉତ୍ତର କାମନା କରିବା ସହ ବର୍ତ୍ତମାନ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ର ରାଧେଶ୍ୟାମ ଅଗ୍ରୱାଲ ଓ ସଞ୍ଜୟ ଖଣ୍ଡେଲୱାଲ ମୁନିଗୁଡାରେ ସାଇନ୍ସ କଲେଜ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଥିଲେ। ଦୀର୍ଘ ୩୬ ବର୍ଷ ପରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ। ଶେଷରେ ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ମିଶ୍ର ଆସନ୍ତା ୩୧ ତାରିଖରେ ଅବସର ଗ୍ରହଣ କରିବାକୁ ଥିବାରୁ ତାଙ୍କୁ ସମସ୍ତ ପୁରାତନ ଛାତ୍ର ମାନଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ସୁକାନ୍ତି ମାର୍ଥା,ଭାଲେଣ୍ଟିନା କୁସଲା,ଛାତ୍ର ଅନିଲ ବୈଦାର,ରାମକୃଷ୍ଣ ପାଣିଗ୍ରାହୀ,ଭାଗିରଥି ନାଗ,ବିଜୟ ଦାସ,ରମେଶ ଦଳେଇ,କୈଳାଶ ରଥ,ନରେନ୍ଦ୍ର ଦାସ,ସୁବାସ ପଟ୍ଟନାୟକ,ବାବୁଲା ବେହେରା, ସୁବାସ ରତ୍ନାଲୁ, ଅଶୋକ ଲିମା ପ୍ରମୁଖଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ଧୂଙ୍ଗିଆପୁଟ ପଞ୍ଚାୟତରେ ଗ୍ରାମସଭା

ମାଥିଲି,୨୯।୩(ଡି.ଏନ୍‌.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅଧୀନ ଧୂଙ୍ଗିଆପୁଟ ପଞ୍ଚାୟତରେ ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ହୃଷୀକେଶ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସରପଞ୍ଚ ମଧୁସୂଦନ ନାୟକ, ସମିତିସଭ୍ୟ ଖଗପତି ଓଡି, ପିଓ ଟଙ୍କଧର ହନ୍ତାଳ ଓ ଅଙ୍ଗନୱାଡି କର୍ମୀଙ୍କ ସହ ୧୫ ଗାଁର ଲୋକେ ଯୋଗଦେଇଥିଲେ। ଅଞ୍ଚଳର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ତାହା ଉପରେ ତୁରନ୍ତ ବିଚାର କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ବିଏସ୍‌ଏଫ୍‌ର ଜନସମ୍ପର୍କ ଶିବିର



ବୃଦ୍ଧାଙ୍କୁ କ୍ୟାମ୍ପ ତରଫରୁ ଘରୋଇ ଉପକରଣ ଦିଆଯାଉଛି।

ମାଥିଲି,୨୯।୩(ଡି.ଏନ୍‌.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ବିଏସ୍‌ଏଫ କ୍ୟାମ୍ପ ପରିସରରେ ୨ବାଟାଲିୟନ ତରଫରୁ ବୁଧବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ କମାଣ୍ଡରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୩ନଂ.ଜିଲା ପରିଷଦ ସୁସ୍ମିତା ମାଝୀ, ସରପଞ୍ଚ କାନମ ରାଜୁ ନାୟକ, ଆମ୍ବାଗୁଡ଼ା ସରପଞ୍ଚ ରୁକ୍ମଣୀ ଚାଲାଣ, ଦଳପତିଗୁଡ଼ା ସରପଞ୍ଚ ରୁକ୍ମଣୀ ପୂଜାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲୋକଙ୍କ ନିକଟବର୍ତ୍ତୀ ହେବା ପାଇଁ ଏହି ଶିବିର ମାଧମରେ ବିଏସ୍‌ଏଫ ତରଫରୁ ପ୍ରୟାସ ହୋଇଥିଲା। ବିଏସ୍‌ଏଫକୁ ଭୟ ନ କରି ହାତ ମିଶାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ମଶାରି ୱାଟର ବେକପୋର, କୋଦାଳ, ସୋଲାର ଲାଇଟ, ତାରିପୋଲିନ, ପ୍ଲାଷ୍ଟିକ ମ୍ୟାଟ୍ ଆଦି ବୃଦ୍ଧା ଲୋକଙ୍କୁ ପ୍ରଦାନ କରାଯାଇଥିଲା। ୨ବାଟାଲିୟନର ସମସ୍ତ ବିଏସ୍‌ଏଫ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଉପାନ୍ତ ଆଞ୍ଚଳରେ ବିଏସ୍‌ଏଫ ଜନସମ୍ପର୍କ ଶିବିର ଆୟୋଜନକରି ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହ ନିକଟତର ହୋଇପାରିଛନ୍ତି।

# ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

ନାରାୟଣପାଟଣା, ୨୯।୩(ଡି.ଏନ୍‌.ଏ.)



ଗ୍ରାମାଞ୍ଚଳ ବାସୀଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ନାରାୟଣପାଟଣା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏବିଇଓ ଇଶ୍ୱର ମୁଦୁଲି, ପ୍ରଫୁଲ୍ଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରାୟଣପାଟଣା ବିଇଓ ରଘୁନାଥ ପାଙ୍ଗୀ ପତକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ନାରାୟଣପାଟଣା ବ୍ଲକର ୯ ପଞ୍ଚାୟତରେ ଏହି ରଥ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୁଲିବ। ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ବିଦ୍ୟାଳୟ ପ୍ରବେଶ ଉତ୍ସବରେ ସାମିଲ କରିବାକୁ ସଚେତନ କରାଯିବ ବୋଲି ବିଇଓ କହିଛନ୍ତି। ୯ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଏସ୍‌ଏଚ୍‌ଜି ମହିଳା ଓ ଅଙ୍ଗନବାଡି କର୍ମୀଙ୍କ ସହାୟତାରେ ଲୋକଙ୍କୁ ସଚେତନ କରାଯିବ। ବୟସ ହୋଇଥିବା ସୁଦ୍ଧା ସ୍କୁଲରେ ନାମ ନ ଲେଖାଇଥିବା ଏବଂ ନାମ ଲେଖାଇଥିବା ସତ୍ତ୍ୱେ ଯେଉଁ ପିଲା ସ୍କୁଲ ଯାଉ ନାହାନ୍ତି ସେମାନଙ୍କୁ ନିୟମିତ ସ୍କୁଲ ପଠାଇବାକୁ ରଥ ସଚେତନ କରିବ। ଗ୍ରାମାଞ୍ଚଳର ପ୍ରତ୍ୟେକ ଅଭିଭାବକ ବିନା ସଙ୍କୋଚରେ ନିଜ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ବିଇଓ ଅନୁରୋଧ କରିଛନ୍ତି। ଏହି ସଚେତନତା ରଥ ୩୧ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତରେ ବୁଲି ପ୍ରଚାର କରିବ ବୋଲି ସୂଚନା ମିଳିଛି।

# ସମାଜ ଗଠନରେ ଶିକ୍ଷକ, ଛାତ୍ରୀଛାତ୍ର ଉଭୟେ ଉଭୟଙ୍କ ପରିପୂରକ

ସେମିଳିଗୁଡ଼ା,ସୁନାବେଡ଼ା,୨୯।୩(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ଦୁଧାରୀ ଗାଁରେ ଥିବା ସରକାରୀ ନୋଡାଲ ହାଇସ୍କୁଲର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁଳଦୀପ୍‌ଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। ତେଣୁ ପିଲାମାନେ ଭଲ ପାଠ ପଢ଼ି ଭଲ ମଣିଷ ହୋଇ ଦେଶକୁ ଆଗେଇ ନେବାରେ ସହାୟକ ହୋଇପାରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାମନ୍ତରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମାଜ ଗଠନରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉଭୟେ ଉଭୟଙ୍କ ପରିପୂରକ। ସେଥିପାଇଁ ଉଭୟେ ଉଭୟଙ୍କୁ ସହଯୋଗ କରିବା ଏକାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜୋନ ୨ ଜିଲା ପରିଷଦ ମୋହନ ଯାନୀ, ସରପଞ୍ଚ ମାଧବ ନନ୍ଦିବାଲି, ସମିତି ସଭ୍ୟା ସୁଷମା ପାଙ୍ଗି ଓ ସ୍କୁଲ ସଭାପତି ମକର ମଣ୍ଡଳ ନାୟକ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ଗୁଣ୍ଠା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ବିଦ୍ୟାଳୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

